# Akashvani, Sambalpur

## SAMBALPURI NEWS BULLETIN

### 12 November 2024- 6.47- 6.52 am.

**********************************************

ପ୍ରକଳ୍ପ ମଞ୍ଜୁରୀ          ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସର୍‌କାର୍ ଓଡ଼ିଶା ସହେତେ ୩ ଟା ରାଏଜେ ଅଗ୍ନିଶମ ସେବାର ବିସ୍ତାର୍ ଆଉ ଆଧୁନିକୀକରଣ୍ ଯୋଜ୍‌ନା ଅଧୀନ୍‌ଥି ୭ ଶହ ୨୫ କୋଟି ୬୨ ଲାଖ୍ ଟଙ୍କାର୍ ୩ ଟା ପ୍ରକଳ୍ପକେ ମଞ୍ଜୁରୀ କରିଛନ୍ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ଉଚ୍ଚସ୍ତରୀୟ କମିଟି ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଇତାର୍‌ଭିତ୍‌ରେ ଓଡ଼ିଶା ଲାଗି ୨ ଶହ ୧ କୋଟି ୧୦ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ । ଓଡ଼ିଶାର୍ ବିପର୍ଯ୍ୟୟ ବିପତି କମାବାର୍ ପ୍ରଣାଲୀକେ ମଜ୍‌ବୁତ୍ କର୍‌ବାର୍ ଲାଗି ଇ ଟଙ୍କା ମଞ୍ଜୁର୍ କରିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଧନ୍ୟବାଦ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ          ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଦିଲ୍ଲୀ ଗସ୍ତ କର୍‌ବେ । ଉପର୍‌ବେଲା ନୂଆଦିଲ୍ଲୀ ନ ହେବାର୍‌କେ ଥିବା ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍‌ର ନୂଆଁ ୱେବ୍‌ସାଇଟ୍ ଲୋକାର୍ପଣ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଇ କାର୍ଯ୍ୟକ୍ରମ୍‌ଥି ବୈଦେଶିକ ବ୍ୟାପାର୍ ମନ୍ତ୍ରୀ ଏସ୍. ଜୟଶଙ୍କର୍ ଭିଲ୍ ଉପସ୍ଥିତ୍ ରହେବେ । ଆଏଜ୍ ଲୋକାର୍ପଣ୍ କାର୍ଯ୍ୟକ୍ରମ୍ ସର୍‌ବାର୍ ଉତ୍‌ରୁ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ଫିର୍‌ବେ ବଲି ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଜାନୁଆରୀ ୮ ତାରିଖ୍‌ନୁ ୧୦ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ ନ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ହେବା । ଇଥି ରାଜ୍ୟ ଆଉ ଦେଶ୍ ବାହାରୁ ବହୁତ୍‌ଟେ ଶିଳ୍ପପତି, ରାଷ୍ଟ୍ରଦୂତ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅନ୍ତଃରାଜ୍ୟ ପରିଷଦ୍ ଷ୍ଟାଣ୍ଡିଂ କମିଟି ଆର୍‌ଏନ୍‌ୟୁ /ସମ୍ବଲପୁର

ଅନ୍ତଃରାଜ୍ୟ ପରିଷଦ୍ ଷ୍ଟାଣ୍ଡିଂ କମିଟିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସଦସ୍ୟ ଭାବେ ଠାନ୍ ପାଇଛନ୍ । ଇ କମିଟିଥି ସ୍ୱରାଷ୍ଟ୍ରମନ୍ତ୍ରୀ

ଅମିତ୍ ଶାହା ଅଧ୍ୟକ୍ଷ ଥିବାର୍ ବେଲେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ମୋଟ୍ ୧୨ ଝନ୍ ସଦସ୍ୟ ଅଛନ୍ । ଇ କମିଟି ରାଜ୍ୟ - ରାଜ୍ୟ ଭିତ୍ରେ ଦେଖାଦେଉଥିବା ବିବାଦ ଆର୍ ସମ୍ପର୍କକେ ନେଇକରି ହେଉଥିବାର୍ ସମସ୍ୟାର୍ ସମାଧାନ୍ କର୍ସି । ଖାସ୍ କରି ପାଏନ୍ ଝମେଲା, ସୀମା ବିବାଦ ଇନ ଆଲୋଚନା ହେସି ।

ଉଭବ ଆର୍ଏନ୍ୟୁ /ସମ୍ବଲପୁର

ଆଦିବାସୀ ଛାତ୍ରଛାତ୍ରୀମାନ୍କର୍ ଲାଗି ଥିବା ଜାତୀୟ ଶିକ୍ଷା ସମିତି ତର୍ଫୁ ଭୁବ୍ନେଶ୍ୱର୍ର ଗୁଟେ ଘରୋଇ ବିଶ୍ୱବିଦ୍ୟାଳୟ କେମ୍ପସ୍ ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାନ୍କର୍ ୫ ନମ୍ବର୍ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଆଉ କଳା ଉତ୍ସବ୍ - ୨୦୨୪ 'ଉଭବ' ଆଏଜ୍ ଉଦ୍‌ଘାଟନ୍ ହେବା । ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ଅବ୍ସରେ ହେଉଥିବା ଇ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଆର୍ ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ  ଯୋଗ୍ ଦେବେ । ଇଥି ଦେଶର୍ ଭିନ୍ ଭିନ୍ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନ ପଢୁଥିବା ୨ ହଜାର୍ନୁ ଅଏତ୍କା ଆଦିବାସୀ ଛାତ୍ରଛାତ୍ରୀ ଅଂଶଗ୍ରହଣ୍ କର୍ବେ ।

ଇ କାର୍ଯ୍ୟକ୍ରମ୍ ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା ବଲି ସୂଚ୍‌ନା ମିଳିଛେ ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍-ସୁରଭି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ କ୍ୟାପିଟାଲ୍ ହାଇସ୍କୁଲ୍ ନ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ -ସୁରଭି ଆଏଜ୍‌ଠାନୁ ମୁଲ୍ ହେଉଛେ । ଇ ମହୋତ୍ସବ୍‌ଥି ବ୍ଲକ୍ ଆଉ ଜିଲ୍ଲାସ୍ତର୍‌ଥି ଭିନ୍ ଭିନ୍ ପ୍ରତିଯୋଗିତାର୍ ବିଜେତା ଛାତ୍ରଛାତ୍ରୀମାନେ ଯୋଗ୍ ଦେବେ । ଆଏଜ୍ ହେଉଥିବା ଉଦ୍‌ଘାଟନୀ ଉତ୍ସବ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଶିଶୁ ମହୋତ୍ସବ୍ ୧୪ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ବେଲେ ଶେଷ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ଅନ୍ତର୍ଜାତୀୟ ଶ୍ରୀଅନ୍ନ ଆର୍ ବିସ୍ମୃତ ଖାଦ୍ୟ ସମ୍ମିଳନୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ୨ ଦିନ୍ ହେଲା ଚାଲିଥିବା ଅନ୍ତର୍ଜାତୀୟ ଶ୍ରୀଅନ୍ନ ଆର୍ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଗଲାକାଏଲ୍ ଉଦ୍‌ଯାପିତ ହେଇଯାଇଛେ । ଇଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି କହିଛନ୍ ଯେ, ଜଳବାୟୁ ସହନଶୀଳ ଆର୍ ପାରମ୍ପାରିକ ଖାଦ୍ୟର ପୁନରୁଦ୍ଧାର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଚେରେଷ୍ଟା ଜାରି ରଖିବେ ।

ହେଲ୍‌ଥ ୱେଲ୍‌ନେସ୍ ସେଂଟର୍        ଆର୍‌ଏନ୍‌ୟୁ / ସମ୍ବଲପୁର

ବରିଷ୍ଠ ନାଗରିକଙ୍କର୍ ସ୍ୱାସ୍ଥ୍ୟସେବା ଲାଗି ସମ୍ବଲ୍‌ପୁର୍ ନ ହେଲ୍‌ଥ ୱେଲ୍‌ନେସ୍ ସେଂଟର୍ ଖୁଲ୍‌ବାର୍‌କେ ଯାଉଛେ । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଯୋଜ୍‌ନା- ସିଜିଏଚ୍‌ଏସ୍ ତର୍‌ଫୁ ହେବାର୍‌କେ ଥିବା ଇ ସେଂଟର୍ ଲାଗି ଜାଗା ଚିହ୍ନଟ୍ କର୍‌ବାର୍‌କେ ଟେଲିକମ୍, ଡାକ ଆର୍ ଆୟକର ବିଭାଗ୍‌କେ ଚିଠି ହେଇଛେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ୱେଲ୍‌ନେସ୍ ସେଂଟର୍‌ର କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଛେ । ଇ ହେଲ୍‌ଥ୍ ୱେଲ୍‌ସେନ୍ ସେଂଟର୍‌ଥି ୨୪ ଘଂଟିଆ ଜରୁରୀ ସ୍ୱାସ୍ଥ୍ୟସେବା ମିଲ୍‌ବା । ଯେନ୍‌ଟାକି ସମ୍ବଲ୍‌ପୁର୍‌ର ବରିଷ୍ଠ ନାଗରିକ୍‌ମାନ୍‌କର୍ ଲାଗି ବହୁତ୍‌ଟେ ସାହାଜ୍ ହେବା ।

ବିଶ୍ୱ ଦକ୍ଷତା କେନ୍ଦ୍ର-ସମାବର୍ତନ୍ ଉତ୍ସବ    ଆର୍‌ଏନ୍‌ୟୁ /ସମ୍ବଲପୁର

ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବ୍‌ନେଶ୍ୱର୍ ୪ ନମ୍ବର୍ ସମାବର୍ତନ୍ ଉତ୍ସବ୍ ଗଲାକାଏଲ୍ ହେଇଯାଇଛେ । ଇ ଅବ୍‌ସରେ କେନ୍ଦ୍ର ପରିସର ନ ହେଇଥିବା ଉତ୍କର୍ଷ କେନ୍ଦ୍ରକେ ଶିଳ୍ପ, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ୍ କରିଛନ୍ । ଇତାର୍‌ସହେତେ ଯୁଆନ୍ ପିଢ଼ିକେ ତହଁକାବାର୍ ଲାଗି ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ ହେଇଛେ । ଇ କାର୍ଯ୍ୟକ୍ରମ୍ ଜରିଏ ତୃଣମୂଳ ସ୍ତର୍ ନ ବ୍ୟବସାୟ କର୍‌ବାର୍‌କେ ଚାହୁଁଥିବା ଯୁଅନ୍ ପିଢ଼ିକେ ଲାଖେ ଟଙ୍କାର୍ ସାହାଜ୍ ଦିଆଯିବା ବଲି ସୂଚ୍‌ନା ମିଲିଛେ ।

ଶ୍ରୀମନ୍ଦିର- ପଚ୍‌କ ବ୍ରତ    ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍‌ଠାନୁ ପଂଚ୍‌କ ବ୍ରତ ମୁଲ୍ ହେଉଛେ । ଇ ବଛର୍ ପଂଚ୍‌କ ବ୍ରତ ୫ ଦିନ୍ ବଦ୍‌ଲା ୪ ଦିନ୍ ହେଉଥିବାର୍‌ନୁ ଶ୍ରୀକ୍ଷେତ୍ର ନ ବହୁତ୍‌ଟେ ଭକ୍ତଙ୍କର୍ ଭିଡ୍ ହେବାର୍ ସମ୍ଭାବନା ରହିଛେ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଶୃଙ୍ଖଲିତ

ଦର୍ଶନ୍ ଲାଗି ବେରିକେଡ୍ ବ୍ୟବସ୍ଥା କରାଯାଇଛେ । ଆଏଜ୍ ବଡ଼ ଏକାଦଶୀ ତିଥି ନ ଶ୍ରୀମନ୍ଦିର୍ ମହାପ୍ରଭୁଙ୍କର୍ ଲକ୍ଷ୍ମୀନାରାୟଣ୍ ବେଶ ହେବା । ସେନ୍ତା ମହାପ୍ରଭୁଙ୍କର୍ ରାଧାଦାମୋଦର ବେଶ ଆଉ ଶ୍ରୀବଳଦେବଙ୍କ ହରିହର ବେଶ ହେବା ବଲି ସୂଚ୍ନା ମିଲିଛେ ।

ଭୁବ୍ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍ଏନ୍ୟୁ/ କଟକ୍

ଭୁବ୍ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଳିକ୍ ସମ୍ବାଦ ବିଭାଗ୍ ତର୍ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍କର୍ ନୁ ଇଥିର୍ଲାଗି ଦର୍ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍ସାଇଟ୍ prasarbharati.gov.in ର ଭେକେନ୍ସିଜ୍ ବିଭାଗ୍କେ ଯାଇକରି ବିଜ୍ଞାପନ୍ର ସବିଶେଷ୍ ବିବରଣୀ

ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।